**ସଂକ୍ଷେପରେ**

## ଜବତ ଇଟା ନିଲାମ କର

**ବଇଣ୍ଡା, ୨୦।୧୨(ଡି.ଏନ.ଏ.):** କିଶୋରନଗର ବ୍ଲକ ଅଞ୍ଚଳରେ ଗଢ଼ି ଉଠିଥିବା ବେଆଇନ ଇଟାଭାଟି ଉପରେ ପ୍ରଶାସନ ପକ୍ଷରୁ ଚଢ଼ାଉ ଚାଲିଛି। ନିକଟରେ ସରକାରୀ ଜମିରେ କରାଯାଇଥିବା ଏଭଳି ୨ ଇଟାଭାଟିରେ ଚଢ଼ାଉ କରାଯାଇ ଜେସିବି ମେଶିନ ସହାୟତାରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଇଟା ନଷ୍ଟ କରାଯାଇଛି। ତେବେ ଇଟା ନଷ୍ଟ ଦ୍ୱାରା ସରକାର ରାଜସ୍ୱ ହରାଉଛନ୍ତି। ତେଣୁ ଇଟାଗୁଡ଼ିକୁ ଭାଙ୍ଗିବା ବଦଳରେ ନିଲାମ କରି ସରକାରୀ କାର୍ଯ୍ୟରେ ଲଗାଇବାକୁ ରବିବାର ଅନୁଗୋଳ ଜିଲାପାଳଙ୍କୁ ନିବେଦନ କରିଛନ୍ତି ସାମାଜିକ କର୍ମୀ ସଞ୍ଜିତ୍ କୁମାର ପଟ୍ଟନାୟକ। ବେଆଇନ ଇଟାଭାଟିରୁ ଜବତ ଇଟା ନିଲାମ କରାଗଲେ ରାଜସ୍ୱ ବଢ଼ନ୍ତା। ଏହାକୁ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର, ଆବାସ ଗୃହ ନିର୍ମାଣରେ ବ୍ୟବହାର କରାଗଲେ ଉଭୟ ହିତାଧିକାରୀ ଏବଂ ପ୍ରଶାସନ ଲାଭବାନ ହୁଅନ୍ତେ। ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

## ଦଳକୁ ଶକ୍ତିଶାଳୀ କରିବାକୁ ନିଷ୍ପତ୍ତି

**ବଇଣ୍ଡା, ୨୦।୧୨(ଡି.ଏନ.ଏ.):** କିଶୋରନଗର ବ୍ଲକ ନାକିଚି ନିକଟ ଜୟଗଡ଼ ପ୍ରୋଜେକ୍ଟ ନିକଟରେ ରବିବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଯୁବ ବିଜେଡି ସଭାପତି ପ୍ରତାପ ଚନ୍ଦ୍ର ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦଳୀୟ ନେତା ପ୍ରବୋଧ ବେହେରା, ସନ୍ତୋଷ ପ୍ରଧାନ, ରମେଶ ଜେନାମଣି, ଧୋବେଇ ବେହେରା, ଅରକ୍ଷିତ ସାହୁ, ସତ୍ୟବ୍ରତ ସାହୁ, ବୈଜୟନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଦଳରେ ଅନେକ କର୍ମୀଙ୍କୁ ଅଣଦେଖା କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ରାଜ୍ୟ ନେତୃବୃନ୍ଦଙ୍କ ପରାମର୍ଶକ୍ରମେ ବରିଷ୍ଠ କର୍ମୀଙ୍କୁ ନେଇ ଦଳକୁ ଅଧିକ ଶକ୍ତିଶାଳୀ କରିବା ଲାଗି ନିଷ୍ପତ୍ତି ହୋଇଛି।

## ଜେଲ୍ ଗଲେ ୬ ସ୍କ୍ରାପ୍ ମାଫିଆ

**ଅନୁଗୋଳ ଅଫିସ,୨୦।୧୨:** ଅନୁଗୋଳ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଶନିବାର ବଲାସିଂହା ବାଲିସାହି ଜଙ୍ଗଲରୁ ୬ ସ୍କ୍ରାପ୍ ମାଫିଆଙ୍କୁ ଉଠାଇ ଆଣିଥିଲା। ରବିବାର ସେମାନଙ୍କୁ ଗିରଫ କରାଯିବା ସହ କୋର୍ଟଚାଲାଣ କରାଯାଇଛି ବୋଲି ପୋଲିସ ସୂଚନା ଦେଇଛି। କୋର୍ଟଚାଲାଣ ହୋଇଥିବା ପଶ୍ଚିମବଙ୍ଗର ମାଫିଆମାନେ ହେଲେ ରାଜେଶ ଶ, ରୋହିତ ଶ, ପରତ୍ମା ଶ ଓ ବିହାରର ମହମ୍ମଦ ଅଫତାବ୍ ଆଲାମ୍, ଢେଙ୍କାନାଳ ଜିଲା ବାଲିମି ଥାନା କୃଷ୍ଣଚନ୍ଦ୍ରପୁରର ପ୍ରକାଶ ବେହେରା ଏବଂ ହିନ୍ଦୋଳ ଥାନା କୁରୁମିଠା ଅଞ୍ଚଳର ସିଲୁ ସାମଲ। ସେମାନଙ୍କ ନିକଟରୁ ୨୭ କୁଇଣ୍ଟାଲ ସ୍କ୍ରାପ୍, ୮୫ କିଲୋଗ୍ରାମ ବିଦ୍ୟୁତ୍ ତାର, ୩ଟି ଗ୍ୟାସ ଭର୍ତ୍ତି ସିଲିଣ୍ଡର, ଗୋଟିଏ ଗ୍ୟାସ୍ କଟର, ଗାଡ଼ି ଆଦି ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ, ବାଲିସାହିରେ ମୋନେଟ୍ ପକ୍ଷରୁ ନିର୍ମାଣ ହୋଇଥିବା ବିଦ୍ୟୁତ୍ ଟାୱାରକୁ ଏମାନେ ବହୁ ଚତୁରତାର ସହ କାଟି ଗାଡ଼ିରେ ଲୋଡ୍ କରିବା ବେଳେ ସ୍ପେଶାଲ ସ୍କ୍ୱାଡ୍ ଚଢ଼ାଉ କରି ୧୩ ଜଣଙ୍କୁ ଥାନାକୁ ଉଠାଇ ଆଣିଥିଲା। ସେମାନଙ୍କ ମଧ୍ୟରୁ ୬ ଜଣ ମୂଲିଆ ଓ ଜଣେ ଗାଡ଼ି ଚାଳକ ଥିଲେ। ଏମାନଙ୍କୁ ମୁଖ୍ୟ ଅଭିଯୁକ୍ତ ରାଜେଶ ମଜୁରିରେ ଟାୱାର କାଟିବାକୁ ଆଣିଥିବା ଜଣାପଡ଼ିବା ପରେ ପୋଲିସ ଛାଡ଼ି ଦେଇଥିଲା। ଅନ୍ୟ ୬ ମାଫିଆଙ୍କୁ କୋର୍ଟଚାଲାଣ କରଯାଯାଇଛି।

## ଏଟିଏମ୍ ଲୁଟ୍ ମାମଲା: ୪ ଅଟକଙ୍କୁ ପଚରାଉଚୁରା ଜାରି

**ଢେଙ୍କାନାଳ ଅଫିସ, ୨୦।୧୨:** ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱ ନିମବାହାଲିସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍‌କୁ ଗ୍ୟାସ୍ କଟରରେ କାଟି ୧୩ତାରିଖ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ୨୬ଲକ୍ଷ ୫୬ହଜାର ଟଙ୍କା ଲୁଟି ନେଇଥିଲେ। ଘଟଣାର ସପ୍ତାହକ ପରେ ପୋଲିସ ହାତରେ ସୁରାକ ଲାଗିଛି। ଏହି ମାମଲାରେ ସମ୍ପୃକ୍ତ ଅଭିଯୋଗରେ ୪ ଜଣଙ୍କୁ ମୋଟଙ୍ଗା ଥାନାରେ ଅଟକ ରଖି ପଚରାଉଚୁରା ଚାଲିଛି। ପୋଲିସକୁ ଲୁଟ୍ ସମ୍ପର୍କରେ ବହୁ ତଥ୍ୟ ମିଳିଥିବାବେଳେ ସୋମବାର ସମ୍ପୂର୍ଣ୍ଣ ଘଟଣା ପଦାକୁ ଆସିବା ସମ୍ଭାବନା ରହିଛି। ପୋଲିସ ପାଇଁ ମାମଲାର ପର୍ଦ୍ଦାଫାଶ ଚ୍ୟାଲେଞ୍ଜ ହୋଇଥିବାବେଳେ ଅଭିଯୁକ୍ତଙ୍କୁ ଧରିବାକୁ ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ରଙ୍କ ନେତୃତ୍ୱରେ ୪ ଟିମ୍ ଗଠନ କରାଯାଇଥିବା ପୋଲିସ କହିଛି।

# ପୂରଣ ହେଉନି ବସ୍‌ଷ୍ଟାଣ୍ଡ ପ୍ରତିଶ୍ରୁତି



ବସ୍‌ଷ୍ଟାଣ୍ଡ ନ ଥିବାରୁ ଛେଣ୍ଡିପଦା ବଜାର ଦେଇ ଯାଇଥିବା ରାସ୍ତା ଉପରେ ବସ୍ ରହିଛି।

**ଛେଣ୍ଡିପଦା,୨୦।୧୨ (ସ୍ୱ.ପ୍ର.)**

- ଶିଳ୍ପାଞ୍ଚଳ ଛେଣ୍ଡିପଦାରେ ନାହିଁ ବସ୍‌ଷ୍ଟାଣ୍ଡ
- ରାଜପଥ ଉପରେ ଠିଆ ହେଉଛି ଗାଡ଼ି
- ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବ୍ଲକବାସୀ

ଅନୁଗୋଳ ଜିଲାର ଛେଣ୍ଡିପଦା ବ୍ଲକରେ ରହିଛି କୋଇଲା ଖଣି। ଦୈନିକ ଶତାଧିକ ଟ୍ରକ୍‌ରେ ଏଠାରୁ କୋଇଲା ବିଭିନ୍ନ କାରଖାନାକୁ ଯାଉଛି। ଆଗାମୀ ଦିନରେ ଆହୁରି ଅଧିକ କୋଇଲା ଖଣି ଖୋଲାଯିବାର ଯୋଜନା ସରକାରଙ୍କ ନିକଟରେ ରହିଛି। ବ୍ଲକ ସଦରମହକୁମାରୁ ମାତ୍ର ୨୫ କିଲୋମିଟର ଦୂରରେ ଅଛି ଜରପଡ଼ା ରେଳଷ୍ଟେଶନ ଓ ଜିନ୍ଦଲ ପ୍ଲାଣ୍ଟ। କିନ୍ତୁ ଏହି ଗୁରୁତ୍ୱପୂର୍ଣ୍ଣ ଶିଳ୍ପାଞ୍ଚଳରେ ଏକ ବସ୍‌ଷ୍ଟାଣ୍ଡ ନାହିଁ। ରାଜ୍ୟର ସମସ୍ତ ବ୍ଲକରେ ମଡେଲ୍ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବାକୁ ସରକାର ୨୦୧୮ରେ ଘୋଷଣା କରିବା ପରେ ଛେଣ୍ଡିପଦାବାସୀଙ୍କ ମନରେ ଆଶା ସଞ୍ଚାର ହୋଇଥିଲା। ହେଲେ ୨ ବର୍ଷ ବିତିଯାଇଥିଲେ ମଧ୍ୟ ସରକାର ଉକ୍ତ ପ୍ରତିଶ୍ରୁତି ପୂରଣ କରି ନ ଥିବାରୁ ଛେଣ୍ଡିପଦା ବ୍ଲକ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଶିଳ୍ପାଞ୍ଚଳ ଛେଣ୍ଡିପଦାରୁ ପ୍ରତ୍ୟକ ଦିନ ହଜାର ହଜାର ଲୋକ ଅନୁଗୋଳ, ସମ୍ବଲପୁର, କୁଚିଣ୍ଡା, ଦେବଗଡ, ରେଙ୍ଗାଲି, ରେଢାଖୋଲ, ରାଉରକେଲା, କଟକ, ଢେଙ୍କାନାଳ, ପୁରୀ, ଭୁବନେଶ୍ୱର, କେନ୍ଦୁଝର ଆଦି ଅଞ୍ଚଳକୁ ଯାଇଥାନ୍ତି। ପ୍ରତ୍ୟକ ଅଧଘଣ୍ଟା ବ୍ୟବଧାନରେ ଏଠାରୁ ବସ୍ ଚଳାଚଳ କରିଥାଏ। ସେହିପରି ଟ୍ରେନ୍ ଯୋଗେ ରାଜ୍ୟ ବାହାରୁ ଆସୁଥିବା ଯାତ୍ରୀମାନେ ଜରପଡ଼ା ଷ୍ଟେଶନରେ ଓହ୍ଲାଇ ଛେଣ୍ଡିପଦାରୁ ବିଭିନ୍ନ ଅଞ୍ଚଳକୁ ବସ୍ ଧରିଥାନ୍ତି। କୋଇଲା ଖଣି ଓ ଜିନ୍ଦଲ ପ୍ଲାଣ୍ଟ ଥିବାରୁ କାମ କରୁଥିବା ବାହାର ଅଞ୍ଚଳର ବହୁ ଲୋକଙ୍କ ଆତଯାତ ରହିଛି। ଏତେ ସଂଖ୍ୟକ ବସ୍ ଚଳାଚଳ କରୁଥିଲେ ମଧ୍ୟ ଛେଣ୍ଡିପଦାରେ ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇ ନାହିଁ। ଫଳରେ ଗାଡ଼ିକୁ ଅପେକ୍ଷା କରୁଥିବା ଯାତ୍ରୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖରା, ବର୍ଷା ଦିନେ ସେମାନଙ୍କ ସମସ୍ୟା ବଢ଼ିଯାଉଛି। ନା ଅପେକ୍ଷା କରିବାକୁ ଭଲ ଯାତ୍ରୀ ବିଶ୍ରାମାଗର ଅଛି ନା ସୁଲଭ ଶୌଚାଳୟ ବ୍ୟବସ୍ଥା ହୋଇଛି।

### ବିଶ୍ୱସ୍ତରୀୟ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଉ



ଆଗାମୀ ଦିନରେ ଛେଣ୍ଡିପଦା ଏକ ବ୍ୟସ୍ତବହୁଳ ଶିଳ୍ପାଞ୍ଚଳରେ ପରିଣତ ହେବ। ପୂର୍ବାପେକ୍ଷା ଏହାର ଗୁରୁତ୍ୱ ଅଧିକ ବଢ଼ିଯିବ। ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ଲୋକ ଦୈନିକ ଏଠାକୁ ଯାତାୟାତ କରିବେ। ଏଠାରେ ବିଶ୍ୱସ୍ତରୀୟ ବସ୍ ଟର୍ମିନାଲ ନିର୍ମାଣର ଆବଶ୍ୟକ ପଡ଼ିବ। ସରକାର ଦୁଇ ବର୍ଷ ତଳେ ଦେଇଥିବା ବସ୍‌ଷ୍ଟାଣ୍ଡ ନିର୍ମାଣ ପ୍ରତିଶ୍ରୁତି ପୂରଣ କରନ୍ତୁ।

**–ଅଗସ୍ତୀ ବେହେରା, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ**

### ରୋଜଗାର ବୃଦ୍ଧିରେ ସହାୟକ ହେବ



ବଡ଼ ବସ୍‌ଷ୍ଟାଣ୍ଡ ନିର୍ମାଣ ହେଲେ ଅଧିକ ସଂଖ୍ୟକ ବସ୍ ଚଳାଚଳ କରିବ। ଫଳରେ ଗମନାଗମନର ସୁବିଧା ସହ ଗରିବ, ଖଟିଖିଆମାନେ ଦୂର ସ୍ଥାନକୁ କାମ କରିବାକୁ ଯାଇପାରିବେ। ବସ୍‌ଷ୍ଟାଣ୍ଡ ପାର୍ଶ୍ୱରେ ଦୋକାନ ବଜାର କରି ଅଞ୍ଚଳର ବହୁ ଯୁବତୀ ଯୁବକ ରୋଜଗାରକ୍ଷମ ହୋଇପାରିବେ।

**–ସୁଦୀପ୍ତ ପ୍ରଧାନ, ଶ୍ରମିକ ନେତା**

### ଟ୍ରାଫିକ ସମସ୍ୟା ଦେଖାଦେଉଛି



ଦିନକୁ ଦିନ ଜନ ସଂଖ୍ୟା ସହ ଯାନବାହନ ସଂଖ୍ୟା ବୃଦ୍ଧି ପାଉଛି। ରାଜପଥରେ ଦୈନିକ ହଜାର ହଜାର ଗାଡ଼ି ଯାତାୟାତ କରୁଛି। ବସ୍‌ଷ୍ଟାଣ୍ଡ ଅଭାବରୁ ବସ୍‌ଗୁଡ଼ିକ ରାସ୍ତା ଉପରେ ଠିଆ ହୋଇ ରହୁଥିବାରୁ ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଶୌଚାଳୟଟିଏ ନ ଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

**–ଉମେଶ ପ୍ରଧାନ, ଜଗନ୍ନାଥ ବସ୍ ମାଲିକ ସଂଘ ସଭାପତି, ଛେଣ୍ଡିପଦା**

### ବସ୍‌ଷ୍ଟାଣ୍ଡ ନିହାତି ଆବଶ୍ୟକ



ଛେଣ୍ଡିପଦାରେ କୋଇଲା ଖଣି ରହିଛି। ଆଗାମୀ ଦିନରେ ଆହୁରି ଦୁଇଟି ଖଣି ଖୋଲିବାର ଯୋଜନା ସରକାରଙ୍କ ନିକଟରେ ଅଛି। ଶିଳ୍ପାଞ୍ଚଳ ହୋଇଥିବାରୁ ଏଠାକୁ ରାଜ୍ୟ ଓ ରାଜ୍ୟ ବାହାରୁ ଲୋକ ଆସୁଛନ୍ତି। ଜିନ୍ଦଲ ବଜାର ସହ କୋଶଳା, ବାଗଡିଆ, ଜରପଡା, ବାଲିପଟା ଆଦି ବଜାରକୁ ଦୂର ଦୂରାନ୍ତରୁ ଲୋକେ ଦୈନିକ ଆସୁଥିବାରୁ ସଦର ମହକୁମାରେ ବସ୍‌ଷ୍ଟାଣ୍ଡ ନିହାତି ଆବଶ୍ୟକ।

**– ସମରେଶ ନାଥ, ବୁଦ୍ଧିଜୀବୀ**

### ଜାଗା ଯୋଗାଇ ଦିଆଯାଇଛି



ଛେଣ୍ଡିପଦାରେ ଖୁବ୍‌ଶୀଘ୍ର ଏକ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବ। ଏଥିନିମନ୍ତେ ତହସିଲ ପକ୍ଷରୁ ଜମି ଯୋଗାଇ ଦିଆଯାଇଛି। ଛେଣ୍ଡିପଦା ଦମକଳ କାର୍ଯ୍ୟାଳୟ ନିକଟରେ ଥିବା ଖାତା ନଂ. ୧୦୦୬ ର ତିନଟି ପ୍ଲଟରୁ ୧ ଏକରରୁ ଅଧିକ ଜମି ଯୋଗାଇ ଦିଆଯାଇଛି।

**–ଡାନିଏଲ ଏକ୍କା, ତହସିଲଦାର, ଛେଣ୍ଡିପଦା**

ବିଶେଷକରି ମହିଳା ଯାତ୍ରୀମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶୁଦ୍ଧ ପାଣି ବ୍ୟବସ୍ଥା ମଧ୍ୟ କରାଯାଇ ନାହିଁ। ଏହାଛଡ଼ା ବଜାର ଦେଇ ଯାଇଥିବା ରାଜପଥ ଉପରେ ବସ୍‌ଗୁଡ଼ିକ ଠିଆ ହୋଇ ରହୁଥିବାରୁ ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ରାଜ୍ୟ ସରକାର ଛେଣ୍ଡିପଦାକୁ ଏନ୍‌ଏସି ମାନ୍ୟତା ଦେବାକୁ ଯୋଜନା କରିଥିବାବେଳେ ଏଠାରେ ବସ୍‌ଷ୍ଟାଣ୍ଡଟିଏ ନିର୍ମାଣ କରା ନ ଯିବା ଅସନ୍ତୋଷର କାରଣ ହୋଇଛି।

## ନ୍ୟାୟ ଦାବି ନେଇ ପଦଯାତ୍ରା

**କଣିହାଁ/ ଛେଣ୍ଡିପଦା, ୨୦।୧୨(ଡି.ଏନ.ଏ.)**

ପରୀ ହତ୍ୟା ମାମଲାର ସିବିଆଇ ତଦନ୍ତ, ଅଭିଯୁକ୍ତଙ୍କୁ ଗିରଫ ଓ ମନ୍ତ୍ରୀ ଅରୁଣ ସାହୁଙ୍କ ଇସ୍ତଫା ଦାବି ନେଇ ପାଲଲହଡ଼ା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ପଦଯାତ୍ରା କରାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଭାଜପା ନେତା ଅଶୋକ ମହାନ୍ତିଙ୍କ ନେତୃତ୍ୱରେ ଏହି ପଦଯାତ୍ରା ବଜ୍ରକୋଟଠାରୁ ବାହାରି ରେଙ୍ଗାଲି ପର୍ଯ୍ୟନ୍ତ ଯାଇଥିଲା। ଜିଲା ଭାଜପା ଉପସଭାପତି ନୃସିଂହ ବରାଳ ସଭା ପରିଚାଳନା କରିଥିବାବେଳେ ଲିଙ୍ଗରାଜ ଦାସ, ବ୍ଲକ ଅଧକ୍ଷା ନମିତା ସାହୁ ମଣ୍ଡଳ ସଭାପତି ପଞ୍ଚାନନ ସାହୁ, ତ୍ରିପୁରାରୀ ପ୍ରଧାନ, ଧର୍ମେନ୍ଦ୍ର ସାହୁ, ପ୍ରହ୍ଲାଦ ସାମଲ, ଗୌର ପ୍ରଧାନ, ସମିତି ସଭ୍ୟ ଶଂକୁନ୍ତଳା ସାହୁ, ରାଜୁ ସାହୁ, ସନ୍ତୋଷ ବେହେରା, ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ, ଗୋପବନ୍ଧୁ ସେଠୀ, ପୁଷ୍ପଲତା ପ୍ରଧାନ, ଚନ୍ଦନ ସୱରାଜ, ସୁମନ୍ତ ପ୍ରଧାନ, ଜଗମୋହନ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଛେଣ୍ଡିପଦା ନିର୍ବାଚନମଣ୍ଡଳୀରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତୀ ବେହେରାଙ୍କ ନେତୃତ୍ୱରେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲା ଭାଜପା ସାଧାରଣ ସମ୍ପାଦକ ଚୌଧୁରୀ ପ୍ରଧାନ, ରୋଜାଲିନ ଦାସ, ଅକ୍ଷୟ ପାଦ ବେହେରା, ବିଜୟ କୁମାର ମାଝି, ଛେଣ୍ଡିପଦା ମଣ୍ଡଳ ସଭାପତି ଗୋପବନ୍ଧୁ ଗଡନାୟକ, ବାଗେଡିଆ ମଣ୍ଡଳ ସଭାପତି ମନୋରଞ୍ଜନ ଆଚାର୍ଯ୍ୟ, ତ୍ରିବେଣି ସାହୁ, ଉମେଶ ଚନ୍ଦ୍ର ପ୍ରଧାନ, ଡିଲେଶ୍ୱର ପ୍ରଧାନ ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇ ଛେଣ୍ଡିପଦା ଗ୍ରାମ ପରିକ୍ରମା କରିଥିଲେ। ଥାନା ଛକଠାରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ପଥପ୍ରାନ୍ତ ସଭା କରିଥିଲେ।

## ଆଗ୍ନେୟ-୨୦: ଆମ୍ବୁଲାନ୍ସ ସେବା ଲୋକାର୍ପିତ

**ଢେଙ୍କାନାଳ ଅଫିସ, ୨୦।୧୨**

ଢେଙ୍କାନାଳର ଯୁବ ଅନୁଷ୍ଠାନ ବଜରଙ୍ଗ କ୍ଲବର ବାର୍ଷିକ ଉତ୍ସବ ଆଗ୍ନେୟ-୨୦୨୦ ଶନିବାର ସ୍ଥାନୀୟ ଗୋପବନ୍ଧୁ ଟାଉନ ହଲ୍ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସର୍ବସାଧାରଣଙ୍କୁ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଏକ ଆମ୍ବୁଲାନ୍ସ ସେବା ଲୋକାର୍ପିତ ହୋଇଛି। ସରକାରୀ ନିର୍ଦ୍ଧାରିତ ମୂଲ୍ୟ ଅନୁଯାୟୀ ସେବା ଯୋଗାଇ ଦିଆଯିବ। ଅସହାୟ ଏବଂ ଗରିବ ଶ୍ରେଣୀର ରୋଗୀଙ୍କ ପାଖରେ ଅତି ସ୍ୱଳ୍ପ ମୂଲ୍ୟରେ ଆମ୍ବୁଲାନ୍ସ ଉପଲବ୍ଧ ହେବ। ମୋବାଇଲ ନଂ. ୯୦୪୦୫୦୫୦୪୦, ୭୮୭୩୯୯୮୮୫୫ରେ ଏହି ସେବା ମିଳିବ ବୋଲି ସୂଚନା ଦିଆଯାଇଛି। ବାର୍ଷିକ ଉତ୍ସବ ଅବସରରେ କ୍ଲବର ୱେବ୍‌ସାଇଟ ଉନ୍ମୋଚିତ ହୋଇଛି।

ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ, ମୁଖ୍ୟବକ୍ତା ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧକ୍ଷ ବିଜୟ ନାୟକ, ସମ୍ମାନିତ ଅତିଥି ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା, ପୂର୍ବତନ ନଗରପାଳ ସୁଧାଂଶୁ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସଭାପତି ଅମରେନ୍ଦ୍ର ସାମଲ, ସମ୍ପାଦକ ଶୁଭେନ୍ଦୁ ଷଡ଼ଙ୍ଗୀଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଆମ୍ବୁଲାନ୍ସ ସେବାର ଲୋକାର୍ପଣ କରାଯାଉଛି।

## ୩୦ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୨୦।୧୨**

ଅନୁଗୋଳ ଜିଲାରୁ ରବିବାର ୩୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୧ ହଜାର ୬୧୦ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କଣିହାଁ ବ୍ଲକରୁ ୮, ଛେଣ୍ଡିପଦାରୁ ୭, ବଣ୍ଟଁରପାଳରୁ ୬, ଅନୁଗୋଳରୁ ୬, ତାଳଚେରରୁ ୩ ଜଣ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୨୮ ଜଣ ସୁସ୍ଥ ହୋଇଥିବା ପ୍ରଶାସନ କହିଛି।

## ୨ ଆକ୍ରାନ୍ତ, ୨ ସୁସ୍ଥ

**ଢେଙ୍କାନାଳ ଅଫିସ, ୨୦।୧୨**

ଢେଙ୍କାନାଳ ଜିଲାରୁ ରବିବାର ୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୨ ଜଣ ସୁସ୍ଥ ହୋଇଛନ୍ତି। ନୂଆ ପଜିଟିଭ୍‌ଙ୍କ ମଧ୍ୟରେ ହିନ୍ଦୋଳ ଏବଂ କାମାକ୍ଷାନଗର ବ୍ଲକରୁ ଜଣେ ଲେଖାଏ ଅଛନ୍ତି। ଏହାକୁ ମିଶାଇ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ମୋଟ ୫,୬୮୪ ଏବଂ ସୁସ୍ଥଙ୍କ ସଂଖ୍ୟା ୫,୬୩୭ରେ ପହଞ୍ଚିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଆନ୍ଦୋଳନକୁ ସମର୍ଥନ, ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

**ଅନୁଗୋଳ ଅଫିସ/ ଆଠମଲ୍ଲିକ/ ବଇଣ୍ଡା/ଛେଣ୍ଡିପଦା, ୨୦।୧୨(ଡି.ଏନ.ଏ.)**

ଦିଲ୍ଲୀରେ କୃଷକ ଆନ୍ଦୋଳନ ଜାରି ରହିଥିବାବେଳେ ପ୍ରାଣ ହରାଇଥିବା କେତେଜଣ କୃଷକଙ୍କୁ ଅଲ୍ ଇଣ୍ଡିଆ କିଷାନ କ୍ଷେତମଜଦୁର ସଙ୍ଗଠନ (ଏଆଇକେକେଏମ୍‌ଏସ୍) ଅନୁଗୋଳ ଜିଲା ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସମ୍ପାଦକ ସୁବାସ ପ୍ରଧାନଙ୍କ ସଭାପତିତ୍ୱରେ ବସ୍‌ଷ୍ଟାଣ୍ଡଠାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଜୟସେନ ମେହେର, ବଜ୍ରବନ୍ଧୁ ସାହୁ, ମାନସ ପାଳ, ଜ୍ୟୋତ୍ସ୍ନା ସାମଲ, ନୀରଞ୍ଜନ ନାୟକ, ବଳରାମ ବେହେରା, ନିରୁପମା ନାୟକ, ବିନତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଠମଲ୍ଲିକ ଶାଖା ପକ୍ଷରୁ ଯୁବନେତା ଧର୍ମେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏନ୍‌ଏସି ଦୁଇ ନମ୍ବର ୱାର୍ଡ ଏବଂ ଆମ୍ବସରମୁଣ୍ଡା ପଞ୍ଚାୟତ ପଥରକୁମ୍ଭା ଠାରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜମୁ ମେହେର, ନିରୁପମା ମେହେର, ରଶ୍ମିତା ମେହେର, ଦୁରା ସାହୁ, ସୁଶୀଲ ନାୟକ, ଅମିକା ଦେହୁରୀ, ବାସନ୍ତୀ ଦେହୁରୀ, ମିଲୁ ଦେହୁରୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କିଶୋରନଗର ଶାଖା ପକ୍ଷରୁ କୃଷକଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ଆନ୍ଦୋଳନ କରାଯାଇଥିଲା। କୃଷକ ନେତା ରମଣୀ ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ତୀର୍ଥବାସୀ ଭୋଇ, ବାବାଜୀ ଚରଣ ପ୍ରଧାନ, ରମେଶ ଲୁହା, ଜୟ ବେହେରା, ନିରାକାର ଲୁହା ପ୍ରମୁଖ ବହୁ ଚାଷୀ ଯୋଗଦେଇଥିଲେ। ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ଗ୍ରାମର ଚାଷୀ ମଧ୍ୟ କୃଷକ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ଅଲ୍‌ଇଣ୍ଡିଆ କ୍ଷେତ ମଜଦୁର ସଙ୍ଗଠନ ପକ୍ଷରୁ ଆୟୋଜିତ ପ୍ରତିବାଦ ସଭାରେ ଚାଷୀନେତା ଚରଣ ବେହେରା ସଭାପତିତ୍ୱରେ ରଣଜିତ ପ୍ରଧାନ, ଭରତ ନାଏକ, ଦୁଃଖବନ୍ଧୁ ବେହେରା, ରବି ସାହୁ ପ୍ରମୁଖ ଯୋଗ ଦେଇଥିଲେ।




ଆନ୍ଦୋଳନ ବେଳେ ପ୍ରାଣ ହରାଇଥିବା ଚାଷୀଙ୍କ ପାଇଁ ଅନୁଗୋଳରେ ଶ୍ରଦ୍ଧାଞ୍ଜଳି ସଭା।

## ବାଜି ରାଉତ ଶାଖା ଉଦ୍‌ଘାଟିତ

**ଢେଙ୍କାନାଳ ଅଫିସ, ୨୦।୧୨**

ଢେଙ୍କାନାଳ ଲେଖକ ସଂସଦ ଭବନଠାରେ ଭାରତ ବିକାଶ ପରିଷଦ ଶହୀଦ ବାଜି ରାଉତ ଶାଖା ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲାଜଜ୍ ଦୁର୍ଗାଚରଣ ମିଶ୍ର, ପରିଷଦର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ସଚ୍ଚିଦାନନ୍ଦ ପଣ୍ଡା, ପ୍ରାନ୍ତ ସାଧାରଣ ସମ୍ପାଦକ ପ୍ରଦୀପ୍ତ ମହାରଣା ପ୍ରମୁଖ ମଞ୍ଚାସୀନ ରହି ମାର୍ଗଦର୍ଶନ କରିଥିଲେ। ନୂତନ ସଙ୍ଗଠନର ସଭାପତି ଭାବେ ଇଂ. ବାବୁଚାନ୍ଦ ମହାଲିକ, ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଅତିଥି ସଚିବ ହୃଦାନନ୍ଦ ବେହେରା, ସଙ୍ଗଠନ ସମ୍ପାଦକ ନବଦୀପ ନାୟକ, ଉପସଭାପତି ଅଧ୍ୟାପକ ଦିଲୀପ ଦାସ, ସଂସ୍କାର ସଚିବ ଆଇନଜୀବୀ ଦୁର୍ଗାପ୍ରସାଦ ପଣ୍ଡା, ସେବା ସଚିବ ବ୍ରଜକିଶୋର ମହାନ୍ତି, ମହିଳା ସହଭାଗିତା ସଚିବ ଇଂ. ମୋନାଲିତା ମହାନ୍ତି ମନୋନୀତ ହୋଇଛନ୍ତି। ସେହିପରି ଶାଖାର ପୃଷ୍ଠପୋଷକ ଭାବେ ଇଂ. ଗୁଣଧର ମିଶ୍ର, ହରେକୃଷ୍ଣ କରଙ୍କୁ ଚୟନ କରାଯାଇଛି। କାର୍ଯ୍ୟକ୍ରମରେ ୩୪ ଦମ୍ପତି ସଦସ୍ୟତା ଗ୍ରହଣ କରିଥିଲେ।




କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

# ପାଣି ପାଇଁ ରାସ୍ତାରେ ମହିଳା

**ପରଜଙ୍ଗ, ୨୦।୧୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବଡ଼ଝରା ନୂଆସାହିରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ବିନା ସୂଚନାରେ ପ୍ରକଳ୍ପରୁ ଜଳଯୋଗାଣ ବନ୍ଦ କରିଦିଆଯାଇଥିବାରୁ ଏପରି ସମସ୍ୟା ଉପୁଜିଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଏହାର ପ୍ରତିବାଦରେ ଶତାଧିକ ମହିଳା ରବିବାର ୫୩ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଯାତାୟାତ ବ୍ୟାହତ ହେବା ସହ ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା।

- ୫୩ନଂ. ଜାତୀୟ ରାଜପଥ ଅବରୋଧ
- ପ୍ରକଳ୍ପ ନିର୍ମାଣ ଶେଷ ହୋଇନି: ଯନ୍ତ୍ରୀ




ମହିଳାମାନେ ରାସ୍ତାରୋକୋ କରିଛନ୍ତି।

ସାହିବାସୀଙ୍କୁ ହାତପାହାନ୍ତାରେ ପାଣି ଯୋଗାଇ ଦେବାକୁ 'ବସୁଧା' ଯୋଜନାରେ ଓଭରହେଡ୍ ପାଣିଟାଙ୍କି ନିର୍ମାଣ କରାଯାଇଛି। କିଛିଦିନ ହେଲା ପ୍ରକଳ୍ପରୁ ପାଣି ଯୋଗାଇ ଦିଆଯାଉଥିଲା। ଲୋକମାନେ ପାଣି ସମସ୍ୟାରୁ ମୁକ୍ତି ପାଇଥିଲେ। ହେଲେ ହଠାତ୍ ଏହାକୁ ବନ୍ଦ କରିଦିଆଯାଇଛି। ସରପଞ୍ଚ ଏବଂ ବିଭାଗୀୟ ଅଧିକାରୀଙ୍କୁ ଏ ନେଇ ଅବଗତ କରାଯାଇଥିଲେ ମଧ୍ୟ କେହି ଗୁହାରି ଶୁଣି ନ ଥିଲେ। ତେଣୁ ରାସ୍ତାରୋକୋ କରି ଏଭଳି ପ୍ରତିବାଦ କରାଯାଇଥିଲା ଆନ୍ଦୋଳନକାରୀ ମହିଳା କହିଛନ୍ତି।

ଏ ସଂକ୍ରାନ୍ତରେ ସରପଞ୍ଚ ଦୁଃଖବନ୍ଧୁ ସାହୁ କୁହନ୍ତି, ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ପରୀକ୍ଷାମୂଳକ ଭାବେ ପାଣି ଛଡ଼ାଯାଇଥିଲା। କାମ ଶେଷ ହେବାପରେ ନିୟମିତ ପାଣି ଯୋଗାଣ ହେବ। ବିଭାଗୀୟ ଯନ୍ତ୍ରୀ ତ୍ରିଲୋଚନ ପ୍ରଧାନ କୁହନ୍ତି, ଅଦ୍ୟାବଧି କାମ ଶେଷ ହୋଇନି। ପ୍ରତି ଘରକୁ ସଂଯୋଗ ଦିଆଯିବ। ତେଣୁ କାମ ବିଳମ୍ବ ହେଉଛି। ଖୁବ୍‌ଶୀଘ୍ର ସମସ୍ୟା ସମାଧାନ ହେବ ବୋଲି ଯନ୍ତ୍ରୀ ସୂଚନା ଦେଇଛନ୍ତି।

